# Akashvani, Sambalpur

## SAMBALPURI NEWS BULLETIN

### 25 April 2024- 6.47- 6.52 am.

***********************************************

୪ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ପହେଲା ଖେପ୍ ନିର୍ବାଚନ୍ ଲାଗି ନାମାଙ୍କନ୍ ଦାଖଲ୍ ଆଏଜ୍ ଶେଷ୍ ହେବା । କଲାହାଣ୍ଡି, ନବରଙ୍ଗ୍‌ପୁର୍, ବ୍ରହ୍ମପୁର୍ ଆର୍ କୋରାପୁଟ୍ ଲୋକ୍‌ସଭା ଆସନ୍ ଲାଗି ଏଛେନ୍‌ତକ୍ ୨୩ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଆଏବା କାଏଲ୍ ନାମାଙ୍କନ୍ ପତ୍ର ମାନ୍‌କର୍ ଯାଂଚ୍ ହେବା । ୨୯ ତାରିଖ୍ ଦିନ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ ଲାଗି ଶେଷ୍ ଦିନ୍ ଧାରିଜ୍ କରାଯାଇଛେ । ଇ ସଂସଦୀୟ କ୍ଷେତ୍ର ଆର୍ ଇତାର୍ ଅଧିନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା ମାସର୍ ୧୩ ତାରିଖ୍ ଦିନ ଭୋଟ୍ ହେବା ।

ସୁପ୍ରିମ୍‌କୋର୍ଟ-ଭିଭିପାଟ୍ ଯାଂଚ୍- ରାୟ ସଂରକ୍ଷିତ

ଆର୍‌ଏନ୍‌ୟୁ / କଟକ୍

ନିର୍ବାଚନ୍‌ଥି ଇଭିଏମ୍ ଭୋଟିଂ ମେସିନ୍‌ର କାର୍ଯ୍ୟକାରୀତା ସନ୍ଦେହକେ ନେଇକରି ନିର୍ବାଚନ୍‌କେ ନିୟନ୍ତ୍ରଣ୍ କରି ନାଇଁ ପାରନ୍ ବଲି ସୁପ୍ରିମ୍‌କୋର୍ଟ କହିଛନ୍ । ବିଚାର୍‌ପତି ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଆର୍ ବିଚାର୍‌ପତି ଜଷ୍ଟିସ୍ ଦୀପଙ୍କର୍ ଦତ ଖଣ୍ଡପୀଠ ଗଲାକାଏଲ୍ ଇଭିଏମ୍ ଆଉ ଭିଭିପାଟ୍ ବାବ୍‌ଦେ ମାମ୍‌ଲା ମାନ୍‌କର୍ ବିଚାର୍ କରିକରି ରାୟ ସଂରକ୍ଷିତ୍ ରଖିଛନ୍ । ସୁପ୍ରିମ୍‌କୋର୍ଟଙ୍କର୍ ଖଣ୍ଡପୀଠ କହିଛନ୍ ଯେ, ଇଭିଏମ୍‌ର ଭୋଟ୍‌କେ ଭିଭିପାଟ୍ ସ୍ଲିପ୍ ସାଙ୍ଗେ ଶହେ ପ୍ରତିଶତ୍ ଯାଂଚ୍ କର୍‌ବାର୍ ଲାଗି ସାମ୍ବିଧାନିକ୍ ସଂସ୍ଥା ନିର୍ବାଚନ୍ କମିଶନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇ ନାଇପାରନ୍ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ-ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ରାଜ୍ୟର୍ ସବୁ ପ୍ରବର୍ତନ୍ ସଂସ୍ଥାମାନ୍‌କର୍ ସର୍ବୋଚ୍ଚ ଅଧିକାରୀମାନ୍‌କର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବୈଠକ୍‌ଥି ଯୋଗ୍ ଦେଇକରି ନିର୍ବାଚନ୍ ସମିଆଥି ସ୍ୱଚ୍ଛତା ଆଉ ନିରପେକ୍ଷତା ବଜାୟ ରଖିବାର୍ ଲାଗି

ପ୍ରବର୍ତ୍ତନ୍ ସଂସ୍ଥା ମାନ୍‌କର୍ ଗୁରୁଦାୟିତ୍ୱ ବାବ୍‌ଦେ ଆଲୋକପାତ କରିଥିଲେ । ଅନୈତିକ ଉପେଥି ବେଭାର୍ ହେଉଥିବା ଧନବଳ, ମାଦକଦ୍ରବ୍ୟ ଆଉ ଉପହାର୍‌କେ ରୁକ୍‌ବାର୍ ଲାଗି ପ୍ରବର୍ତ୍ତନ୍ ସଂସ୍ଥାମାନ୍‌କର୍ ସକ୍ରିୟ ନିୟନ୍ତ୍ରଣ୍ ବ୍ୟବସ୍ଥା ବିଷେ ଶ୍ରୀ ଧଳ ଆଲୋଚନା କରିଥିଲେ ।

ଅଶ୍ୱିନୀ ବୈଷ୍ଣବ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶେ ଆଏବା ୫ ବଛର୍ ଭିତ୍‌ରେ ସବୁ ରେଲ୍‌ଯାତ୍ରୀ କନ୍‌ଫର୍ମ ଟିକେଟ୍ ପାଇପାର୍‌ବେ ବଲି କେନ୍ଦ୍ର ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଗୁଟେ ସାକ୍ଷାତ୍‌କାର୍‌ଥି ଶ୍ରୀ ବୈଷ୍ଣବ୍ କହିଛନ୍ ଯେ, ଦେଶର୍ ଅର୍ଥବ୍ୟବସ୍ଥାଥି ପ୍ରମୁଖ ଭୂମିକା ରଖୁଥିବା ରେଲ୍‌ପଥକେ ଇ ସମିଆ ଭିତ୍‌ରେ ଆହୁରି ବର୍‌କସ୍ କରାଯିବା । ଇତାର୍‌ଛଡ଼ା ଯାତ୍ରୀ ସୁବିଧାର୍ ଦ୍ରୁତ ସମ୍ପ୍ରସାରଣ୍ କରାଯିବା ବଲି ସେ କହିଛନ୍ ।

ଅମିତ୍ ଶାହା ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ସମ୍ବଲପୁର

ବରିଷ୍ଠ ବିଜେପି ନେତା ଆଉ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଗସ୍ତ ସମିଆଥି ଶ୍ରୀ ଶାହା ସୋନ୍‌ପୁର୍

ନ ଗୁଟେ ନିର୍ବାଚନୀ ସଭାଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍ଉତ୍ରୁ ସେ ଭୁବ୍ନେଶ୍ୱର୍ ଯାଇକରି ସେନ ଦଲୀୟ ନେତାମାନ୍କର୍ ସାଙ୍ଗେ ନିର୍ବାଚନର୍ ଥିତି ବାବ୍ଦେ ଆଲୋଚନା କର୍ବେ ।

ସାଧାରଣ ନିର୍ବାଚନ-ହେଲିକେପ୍ଟର୍ ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ସାଧାରଣ ନିର୍ବାଚନ୍କେ ସୁରୁଖୁରୁଥି ପରିଚାଲନା ଲାଗି ଓଡ଼ିଶା ପୁଲିସ୍ ତର୍ଫୁ ସବୁ ପ୍ରକାର୍ ପ୍ରସ୍ତୁତି କରାଯାଉଛେ । ନିର୍ବାଚନ୍ ସମିଆଥି ସୁରକ୍ଷାକେ ସୁନିଶ୍ଚିତ୍ କର୍ବାର୍ ଦିଗେ ଗୁରୁତ୍ୱ ଦିଆଯାଉଛେ । ମାଓପ୍ରବଣ ଇଲାକା ନ ପହେଲା ଖେପେ ନିର୍ବାଚନ୍ ଥିବାର୍ନୁ ଓଡ଼ିଶା ପୁଲିସ୍ ତର୍ଫୁ କେନ୍ଦ୍ରକେ ୩ ଟା ହେଲିକେପ୍ଟର୍ ମଗାଯାଇଥିଲା । ପହେଲା ଖେପେ ଗୁଟେ ହେଲିକେପ୍ଟର୍ ଓଡ଼ିଶା ଆସୁଛେ । ଆଏବା ହପ୍ତେ ଭିତ୍ରେ ବାକି ୨ ଟା ହେଲିକେପ୍ଟର୍ ଓଡ଼ିଶା ପୁଲିସ୍କେ ମିଲ୍ବା ବଲି ପୁଲିସ୍ ତର୍ଫୁ ଜନାପଡ଼ିଛେ ।

ବିଶ୍ୱ ମେଲେରିଆ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ମେଲେରିଆ ଦିବସ୍ । ମେଲେରିଆକେ ଆଏତ୍ ଆର୍ ଦୂର୍ କର୍ବାର୍ ଲାଗି ୨୦୦୮ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଫି ବଛର୍ ଆଝିର୍ ଦିନ୍କେ ମେଲେରିଆ ଦିବସ୍ ଭାବେ ପାଲନ୍ କରୁଛେ । ଲୁକଙ୍କର୍ ଭିତ୍ରେ ମେଲେରିଆ ବାବ୍ଦେ ସଚେତନତା ସୃଷ୍ଟି କର୍ବାର୍ଟା ଇ ଦିବସ୍ ପାଲନ୍ର ଲକ୍ଷ୍ୟ ଆଏ । ମେଲେରିଆ ଦିବସ୍ର ଇ ବଛ୍ରର୍ ବାର୍ତା ରହିଛେ 'ଅଧିକ ନ୍ୟାୟ ସମ୍ପନ୍ନ ବିଶ୍ୱ ପାଇଁ ମେଲେରିଆ ବିରୋଧିରେ ଲଢ଼େଇକୁ ତ୍ୱରାନ୍ୱିତ କରନ୍ତୁ ।' ଇ ବିଷେକେ ନେଇକରି ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ମେଲେରିଆ ନିରାକରଣ ଲାଗି କାର୍ଯ୍ୟକ୍ରମ୍ - ଦମନ୍ର ପରିକଳ୍ପନା କରାଯାଇଥିଲା । ୨୦୩୦ ମସିହା ତକ୍ ଦେଶ୍କେ ପୁରା ମେଲେରିଆ ମୁକ୍ତ କର୍ବାର୍ ଲାଗି ସର୍କାର୍ ଲକ୍ଷ୍ୟ ରଖିଛନ୍ ।

ଶ୍ରୀକ୍ଷେତ୍ର ପୁରୀ- ଚନ୍ଦନ୍ ଯାତ୍ରା ଆର୍ଏନ୍ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଚନ୍ଦନ୍ ଯାତ୍ରାକେ ଶୃଙ୍ଖଲିତ୍ ଭାବେ ପାଲନ୍ କର୍ବାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ଗଲାକାଏଲ୍ ଛତିଶା

ନିଯୋଗ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଚନ୍ଦନ୍ ଯାତ୍ରା ନୀତି ନିର୍ଘଂଟ ବାବ୍‌ଦେ ନିଷ୍ପତି ନିଆଯାଇଛେ । ଅପର୍‌ବଲ୍ ଗରମ୍‌କେ ନଜର୍‌ଥି ରଖିକରି ଚନ୍ଦନ୍ ଯାତ୍ରାର୍ ସାଧାରଣ୍ ଦିନ ମାନ୍‌କେ ରାତି ୪ ବଜେନୁ ଶ୍ରୀମନ୍ଦିର ଦୁଆର ଫିଟାବାର୍‌କେ ବୈଠକ୍‌ଥି ଜୋର୍ ଦିଆଯାଇଛେ । ନୀତିନିର୍ଘଂଟ ଅନ୍‌ସାରେ ଆଏବା ମାସ ୧୦ ତାରିଖ୍ ଦିନ ଅକ୍ଷୟତୃତୀୟା, ୧୫ ତାରିଖ୍ ଦିନ ନୀଳାଦ୍ରୀ ମହୋଦୟାଷ୍ଟମୀ, ୨୨ ତାରିଖ୍ ଦିନ ନୃସିଂହ ଜନ୍ମ, ୨୯ ତାରିଖ୍ ଭଉଁରୀ ଯାତ୍ରା ହେବା । ଭଉଁରୀ ଯାତ୍ରାକେ ଶୃଙ୍ଖଳିତ୍ କର୍‌ବାର୍ ଲାଗି ରାତି ୩ ବଜେନୁ ଶ୍ରୀମନ୍ଦିର ଦ୍ୱାର ଖୁଲାଯିବା । ସଖାଲର୍ ୭ ବଜେତକ୍ ଗୋପାଳବଲ୍ଲଭ ନୀତି ସାର୍‌ବାର୍‌କେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନିଷ୍ପତି ନିଆଯାଇଛେ ।

ଜେଇଇ ଆର୍‌ଏନ୍‌ୟୁ / ସମ୍ବଲପୁର

ବିକେଟକ୍ ପଢ଼୍‌ବାର୍ ଲାଗି ଅନୁଷ୍ଠିତ୍ ହେଉଥିବା ଜେଇଇ ମେନ୍ ପେପର୍ ୱାନ୍ ପରୀକ୍ଷାଫଲ୍ ବାହାରିଛେ । ଇଥର ରେକର୍ଡ଼୍ ସଂଖ୍ୟାଥି ୫୬ ଝନ୍ ଟପ୍ପର୍ ତାଲିକାଥି ଠାନ୍ ପାଇଛନ୍ । ଜେଇଇ ମେନ୍ ପରୀକ୍ଷାଫଲ୍ ବାହାର୍‌ବାର୍ ଉତ୍‌ରୁ ଦେଶୁ ମୋଟ୍ ୨ ଲାଖ୍

୫୦ ହଜାର୍ ୨ ଶହ ୮୦ ଜନ୍ ପ୍ରାର୍ଥୀ ଜେଇଇ ଏଡ଼ଭାନ୍ସଡ଼୍ ଦେବାର୍ ଲାଗି ଯୋଗ୍ୟ ବିବେଚିତ ହେଇଛନ୍ ।

ରେଲ୍‌ବାଇ ସମ୍ବଲପୁର ସମ୍ବାଦଦାତା

ଦକ୍ଷିଣପୂର୍ବ ସର୍କଲ୍‌ର ରେଲ୍‌ବାଇ ନିରାପତା ଆୟୁକ୍ତ ବ୍ରିଜେଶ୍ କୁମାର୍ ମିଶ୍ର ସମ୍ବଲ୍‌ପୁର୍ ରେଲ୍ ଡିଭିଜନ୍‌ର ଲାଞ୍ଜିଗଡ଼୍-ଅମ୍ବାଦୋଳା-ଦୋଇକାଲୁ ଭିତ୍‌ରେ ୩ ନମ୍ବର୍ ରେଲ୍‌ଲାଇନ୍ କାମ୍‌ର ଆଏଜ୍ ଆର୍ ଆଏବା କାଏଲ୍ ଯାଂଚ୍ ନିରୀକ୍ଷଣ୍ କର୍‌ବେ । ଆଏବା କାଏଲ୍ ଯାଂଚ୍ ସମିଆଥି ସଖାଲର୍ ୮ ନୁ ସଞ୍ଝର ୬ ବଜେ ଭିତ୍‌ରେ ଦୋଇକାଲୁ ନୁ ଲାଞ୍ଜିଗଡ଼୍ ରୋଡ଼୍ ସେକ୍ସନ୍ ଭିତ୍‌ରେ ସ୍ପିଡ଼୍ ଟ୍ରାଏଲ୍ ଭିଲ୍ ଦେଖିବେ । ଇ ସମିଆଥି ରେଲ୍‌ଲାଇନ୍ ଦେଇକରି ଯା'ଆସ୍ ନାଇଁ କର୍‌ବାର୍‌କେ ରେଲ୍‌ବାଇ ତର୍‌ଫୁ ଅନୁରୋଧ୍ କରାଯାଇଛେ ।